**ବରିଷ୍ଠ ସମାଜସେବୀ ଓ ପ୍ରାଧାପିକା ପ୍ରଫେସର ଆଦରମଣୀ ବରାଳ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ - ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ଶ୍ରଦ୍ଧାଞ୍ଜଳି**

ବରିଷ୍ଠ ସମାଜସେବୀ ଓ ଶିକ୍ଷୟତ୍ରୀ ପ୍ରଫେସର ଆଦରମଣୀ ବରାଳଙ୍କ ସ୍ମୃତି ରେ ଏକ ସଭା ଭର୍ଚୁଆଲ ପ୍ଲାଟଫର୍ମ ରେ ଗତ କାଲି ସନ୍ଧ୍ୟା ୬ ଘଟିକା ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ବରାଳ ଥିଲେ ଏକାଧାରରେ ଜଣେ ସମାଜସେବୀ, ଶିକ୍ଷୟତ୍ରୀ, ସୁଲେଖିକା, ବାଗ୍ମୀ, ଆକାଶବାଣୀ ର କଳାକାର, ଅଭିନେତ୍ରୀ ଓ ଏଥି ସହିତ ସେମଧ ଥିଲେ ଜଣେ ସୁଗୃହିଣୀ, ସୁପତ୍ନୀ ଓ ସୁମାତା । ତାଙ୍କ ସଂସ୍ପର୍ଶ ରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷ ଙ୍କ ଉପରେ ତାଙ୍କ ର ଗଭୀର ପ୍ରଭାବ ରହିଥିଲା ବୋଲି ତାଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ସ୍ମୃତି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ମତ ବ୍ୟକ୍ତ କରିଥିଲେ । ସେ ଥିଲେ ଅନନ୍ୟା, ସ୍ନେହ ଓ ଆଦର ର ମଣି । ତାଙ୍କ କର୍ମ ଦ୍ୱାରା ସେ ତାଙ୍କର ନାମ କୁ ସାର୍ଥକ କରିଯାଇଛନ୍ତି । ତାଙ୍କର ଜନ୍ମ ୧୯୩୮ ମସିହାରେ ହୋଇଥିଲା । ଗତ ସେପ୍ଟେମ୍ବର ମାସ ୨୪ ତାରିଖ ରାତି ୧୧:୪୦ ରେ ୮୨ ବର୍ଷ ବୟସରେ ତାଙ୍କର ଦେହବସାନ ହୋଇଥିଲା ।  ତାଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ସ୍ମୃତି ସଭା ରେ ପ୍ରାୟ ୧୫୦ ରୁ ଉର୍ଦ୍ଧ ବ୍ୟକ୍ତି ବିଶେଷ ଓଡିଶା ତଥା ରାଜ୍ୟ ବାହାରୁ ଯୋଗଦାନ କରିଥିଲେ ।  ତାଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ଏହି ସ୍ମୃତି ସଭା ର ଅଧକ୍ଷତା କରିଥିଲେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ପ୍ରଦୋଷ କୁମାର ପଟ୍ଟନାୟକ ଓ ଏହାର ସଂଯୋଜନା କରିଥିଲେ ଶ୍ରୀମତୀ ଅନୁରାଧା ମହାନ୍ତି ଓ ଶ୍ରୀମତୀ ଆହୁତି ବରାଳ ।  ପ୍ରଥମେ ତାଙ୍କ ପାଇଁ ଏକ ମିନିଟ ର ନିରବ ପ୍ରାର୍ଥନା କରାଯାଇ ଥିଲା

ଏହି ସଭାରେ ଆଦରମଣୀ ବରାଳ ଙ୍କ ପୁତ୍ର ଓ ଅଧାପକ ଆଭାସ କୁମାର ବରାଳ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ।  ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ମୃତି ଚାରଣ କରି କହିଥିଲେ ଯେ ସେ ଥିଲେ ଆମ ସମସ୍ତ ଙ୍କ ପାଇଁ ପ୍ରେରଣା ର ଉତ୍ସ  ଓ ତାଙ୍କ ପରି ଜଣେ ଅସାଧାରଣ ବ୍ୟକ୍ତିତ୍ୱ ବିରଳ ।

ତାଙ୍କର ସମ୍ରୁତି ଚାରଣ କରି ଶ୍ରୀଯୁକ୍ତ ନିରଂଜନ ସାହୁ, ଆରଡିସି, ବରିଷ୍ଠ ପ୍ରଶାସକ ଓ ପୁର୍ବତନ ଖୋର୍ଦ୍ଧା ଜିଲ୍ଲାପାଳ, କହିଥିଲେ ଯେ ମା ଆଦରମଣି ଥିଲେ ଆତ୍ମବିଶ୍ୱାସ ରେ ଭରପୁର ଓ ସେ ଖୋର୍ଦ୍ଧା ର ଜଣେ ମୁରବି ସ୍ଥାନୀୟ ବ୍ୟକ୍ତି ଥିଲେ । ଓଡିଶା ରିଭ୍ୟୁ ର ସମ୍ପାଦକ ଓ ଆଡ଼ଭୋକେଟ ଡଃ ଲେଲିନି ମହାନ୍ତି, କହିଥିଲେ ସେ ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ ଓ ତାଙ୍କର କଥା କହିବାର ଶୈଳୀ ଅତ୍ୟନ୍ତ ନିଆରା ଥିଲା  ଓ ତାଙ୍କର ବାଣୀ ମାଧମରେ ସେ ଅନ୍ୟକୁ ପ୍ରଭାବିତ କରିପାରୁଥିଲେ । ଆଦିକାନ୍ତ ସେଠି, ପୂର୍ବତନ ବିଧାୟକ, କହିଥିଲେ ଅନ୍ୟକୁ ପ୍ରେରଣା ଓ ଉତ୍ସାହ ଦେବାକୁ ସେ ସଦା ତତ୍ପର ଥିଲେ । ଅନ୍ୟ ମାନଙ୍କ ମଧରେ ଡ଼ଃ ଅମୀୟ କୁମାର ମହାନ୍ତି, ରୁବି ରାଉତ, ଡ଼ଃ ସେବା ମହାପାତ୍ର, କସ୍ତୁରୀ ମହାପାତ୍ର, ଡ଼ଃ ମିନାକ୍ଷୀ ପଣ୍ଡା, ପିକକ ର ନିର୍ଦ୍ଦେଶିକା, ସ୍ନେହାପ୍ରଭା ସାମନ୍ତରାୟ, ଓଡିଶୀ ନୃତ୍ୟ ଶିଳ୍ପୀ ଓ ପିକକ ର ନିର୍ଦ୍ଦେଶିକା, ଦେବୁ ମଜୁମଦାର, ଅରବିନ୍ଦ ମିତ୍ର, ସୁବୋଧ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ, ଡଃ ସଙ୍ଗମିତ୍ରା ମିଶ୍ର, ଜୟକୃଷ୍ଣ ହୋତା, ଡଃ ସଶାଙ୍କ ଶେଖର ରଥ, ଡ଼ଃ ବିଶ୍ୱମୋହିନୀ ମଙ୍ଗରାଜ, ଅଧାପିକା, ମହେନ୍ଦ୍ର କୁମାର ମହାନ୍ତି, ଅଧାପକ, ପ୍ରଫେସର ଡ଼ଃ ଇଶ୍ୱରୀପ୍ରସାଦ ବଡ଼ପଣ୍ଡା, ପ୍ରଫେସର ଶୁଭେନ୍ଦୁ ମହାନ୍ତି, ସବିତା ନାୟକ, ପାଣୁ ବେହେରା ପ୍ରମୁଖ ଉପସ୍ଥିତ ରହି ତାଙ୍କର ସମ୍ରୁତି ଚାରଣ କରିଥିଲେ ।  ଏହି ସଭାରେ ତାଙ୍କ ଜୋଇଁ ପ୍ରତାପ କୁମାର ସାହୁ, ନାତୁଣୀ ଜୋଇଁ ରାହୁଲ  ଓ ନାତୁଣୀ ପୂର୍ବାଷା ଉପସ୍ଥିତ ରହି ଆଦରମଣୀ ବରାଳଙ୍କ ବ୍ୟକ୍ତିତ୍ୱ ର ବିଭିନ୍ନ ଦିଗ ଉପରେ ଅଲୋଚନା କରି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ  ।  ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣୀକା ପ୍ରକାଶ ତଥା ଖୋର୍ଦ୍ଧା ରେ ତାଙ୍କର ଏକ ପ୍ରତିମୁର୍ତି  ସ୍ଥାପନା ପାଇଁ ନିଷ୍ପତି ନିଆଯାଇଥିଲା ।